# ଓଡ଼ିଶା ସାହିତ୍ୟ ଏକାଡେମୀ ସମାଚାର

ODISHA SAHITYA AKADEMI SAMACHAR

41st Issue : April-June 2015 | ସଂଖ୍ୟା ୪୧ : ଅପ୍ରେଲ-ଜୁନ୍ ୨୦୧୫


## ଖଡ଼ିଆଳ ରୋଡ଼ସ୍ଥ ଟାଉନ୍‌ହଲ୍‌ରେ ଆଲୋଚନାଚକ୍ର ଓ କବିତାପାଠ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଖଡ଼ିଆଳ ରୋଡ଼ସ୍ଥ ଟାଉନ୍‌ହଲ୍‌ଠାରେ ତା ୧୨.୪.୧୫ରିଖ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ସାହିତ୍ୟ ଆଲୋଚନା ଓ ଅପରାହ୍ନ ୨ ଘଣ୍ଟା ସମୟରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ଉକ୍ତ ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଡକ୍ଟର ଅଜାମ୍ବର ମଲ୍ଲ ଯୋଗଦାନ କରିଥିଲେ। ପୂର୍ବାହ୍ନ ୧୧ ଘଣ୍ଟା ସମୟରେ 'ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନ କର୍ମ' ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ପୌରୋହିତ୍ୟ କରିଥିଲେ ଡକ୍ଟର ଅଶୋକ କୁମାର ପଟ୍ଟନାୟକ, ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିଥିଲେ ଡକ୍ଟର ମହେନ୍ଦ୍ର କୁମାର ମିଶ୍ର ଓ ଡକ୍ଟର ବାସୁଦେବ ସୁନାନୀ। ସମ୍ପୃକ୍ତ ବିଷୟ ଉପରେ ଆଲୋଚନା କରିଥିଲେ ଡକ୍ଟର ପ୍ରମୋଦ କୁମାର ପାଢ଼ୀ, ଡକ୍ଟର କେଶରଞ୍ଜନ ପ୍ରଧାନ ଓ ଶ୍ରୀ ସଞ୍ଜୟ କୁମାର ମିଶ୍ର। ପ୍ରାରମ୍ଭରେ ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

କବିତା ପାଠ କାର୍ଯ୍ୟକ୍ରମ ଅପରାହ୍ନ ୨ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ଡକ୍ଟର ଶରତ ଚଲାଣ। ସମ୍ମାନନୀୟ ଅତିଥି ଭାବେ ଡକ୍ଟର ରବୀନ୍ଦ୍ର କୁମାର ମିଶ୍ର ଯୋଗଦେଇଥିଲେ। ଏଥିରେ ନିମନ୍ତ୍ରିତ ହୋଇଥିବା ୫୦ ରୁ ଊର୍ଦ୍ଧ୍ୱ ସ୍ଥାନୀୟ କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀ କାମଦେବ ମହାରଣା। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଓଡ଼ିଆ ଗ୍ରନ୍ଥ ସମ୍ପାଦନା : ପଦ୍ଧତି ପ୍ରକରଣ ଓ ପ୍ରୟୋଗ ସମ୍ମାନ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ ତା ୪.୪.୧୫ରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରସ୍ଥ ସେଭେନ ପିଲାରସ୍ ଅଫ୍ ଉଇସ୍‌ଡ଼ମ ସଭାଗୃହରେ ଓଡ଼ିଆ ଗ୍ରନ୍ଥ ସମ୍ପାଦନା; ପଦ୍ଧତି, ପ୍ରକରଣ ଓ ପ୍ରୟୋଗ ବିଷୟକ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନର ପ୍ରଥମ ଅଧିବେଶନ ଉକ୍ତଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଆରମ୍ଭ ହୋଇଥିଲା। ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସମ୍ମାନର ଆୟୋଜନ ସମ୍ପର୍କରେ ଡକ୍ଟର ଗୌରାଙ୍ଗ ଚରଣ ଦାଶ ସୂଚନା ପ୍ରଦାନ କରିବା ସହିତ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ଶ୍ରୀ ଦେବେନ୍ଦ୍ର କୁମାର ଦାଶ ଏଥିରେ ବକ୍ତବ୍ୟ ଉପସ୍ଥାପନ କରିବା ସହିତ ପ୍ରଫେସର ସୁରପ୍ରିୟା ମିଶ୍ର ସମ୍ମାନନୀୟା ଅତିଥି ଭାବେ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଡକ୍ଟର ବିଜୟାନନ୍ଦ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ମାନର ଦ୍ୱିତୀୟ ଅଧିବେଶନ ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ "ପ୍ରାଚୀନ ସାହିତ୍ୟର ସମ୍ପାଦନା: ପଦ୍ଧତି ଓ ପ୍ରୟୋଗ" ବିଷୟକ ଭିତ୍ତିପ୍ରବନ୍ଧ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଉପସ୍ଥାପନା କରିଥିଲେ। ଡକ୍ଟର କୃଷ୍ଣଚରଣ ବେହେରା ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ।

ସମ୍ମାନର ତୃତୀୟ ଅଧିବେଶନ ଅପରାହ୍ନ ୧.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ପ୍ରଫେସର କଇଳାଶ ପଟ୍ଟନାୟକ, ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ଡକ୍ଟର ଅରବିନ୍ଦ ଗିରି। ଅଧିବେଶନ ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପକ ଡକ୍ଟର ପ୍ରେମାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ପରେ ସମ୍ମାନ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଭଦ୍ରକଠାରେ ସାରସ୍ୱତ ସନ୍ଧ୍ୟା

ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ଓ ସାହିତ୍ୟ ପତ୍ରିକା 'କାହାଣୀ'ର ମିଳିତ ଆନୁକୂଲ୍ୟରେ ତା ୫.୪.୧୫ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଭଦ୍ରକସ୍ଥ ସନ୍‌ସାଇନ୍ ବିଦ୍ୟାଳୟ ପ୍ରାଙ୍ଗଣରେ 'ସାରସ୍ୱତ ସନ୍ଧ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସନ୍ଧାନ ଓ ଜୀବନ : ଯୁଗେଯୁଗେ' ବିଷୟକ ଭାବ -ବକ୍ତବ୍ୟ ରଖିଥିଲେ ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ମନୋଜ ଦାସ। ପ୍ରାରମ୍ଭରେ 'କାହାଣୀ'ର ସମ୍ପାଦକ ଶ୍ରୀ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଇଂ ଅଭୟ ସୂତାର କାର୍ଯ୍ୟକ୍ରମର ଉପସଂହାର କରିଥିଲେ।

# ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ସାହିତ୍ୟ ସଭା




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦଙ୍କ ସହଯୋଗରେ ଭକ୍ତ କବି ସାଲବେଗଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ତା ୮.୪.୧୫ ରିଖ ସଂଧ୍ୟା ୬ ଘଣ୍ଟା ସମୟରେ ପୁରୀଠାରେ ବଳଗଣ୍ଡିସ୍ଥ ଭକ୍ତ ସାଲବେଗ ସମାଧୀ ପୀଠରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପୁରୀର ଉପଜିଲ୍ଲାପାଳ ଶ୍ରୀ ମଧୁସୂଦନ ଦାଶ ମୁଖ୍ୟଅତିଥି, ଶ୍ରୀ ଚକ୍ରଧର ମହାପାତ୍ର ଓ ଶ୍ରୀ ସଦାଶିବ ମିଶ୍ର ସମ୍ମାନନୀୟ ଅତିଥି ଏବଂ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସାଲବେଗଙ୍କ ରଚିତ ଭଜନ ଓ ଜଣାଣଗୁଡ଼ିକ ସାମ୍ପ୍ରତିକ ଓଡ଼ିଆ ଜନ ଜୀବନକୁ ଭକ୍ତି ରସରେ ଆଛନ୍ନ କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ବ୍ରଜନାଥ ବଡ଼ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ, ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ ଓ ଅନ୍ୟାନ୍ୟ ସାରସ୍ୱତ ସଙ୍ଗଠନମାନଙ୍କ ମିଳିତ ସହଯୋଗରେ କବି ବ୍ରଜନାଥ ବଡ଼ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୪.୧୫ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଢେଙ୍କାନାଳସ୍ଥ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ପ୍ରଫେସର ଧନେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସାହିତ୍ୟିକ ଡକ୍ଟର ଭବାନୀ ଶଙ୍କର ମିଶ୍ର ମୁଖ୍ୟଅତିଥି, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦର ସଭାପତି ଶ୍ରୀ ଶତ୍ରୁଘ୍ନ ଭୂତିଆ ସମ୍ମାନନୀୟ ଅତିଥି ଓ ବିଶିଷ୍ଟ ଆଇନଜୀବୀ ଶ୍ରୀ ଦୀପ୍ତିଶ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କବି ବଡ଼ଜେନାଙ୍କ ସାହିତ୍ୟିକ ଜୀବନ ତଥା ତାଙ୍କ ରଚିତ କାବ୍ୟଗ୍ରନ୍ଥ 'ସମର ତରଙ୍ଗ'ର ବିଷୟବସ୍ତୁ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଡକ୍ଟର ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା




ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରଖ୍ୟାତ ଔପନ୍ୟାସିକ ପଦ୍ମଭୂଷଣ ଡକ୍ଟର ଗୋପୀନାଥ ମହାନ୍ତିଙ୍କ ପୂଣ୍ୟସ୍ମୃତିରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଗୋପୀନାଥ ଇଣ୍ଟରନ୍ୟାସନାଲର ମିଳିତ ସହଯୋଗରେ ଡକ୍ଟର ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ତା ୨୦.୪.୧୫ରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆନ୍ତର୍ଜାତୀକ ଖ୍ୟାତି ସମ୍ପନ୍ନ ଲେଖକ ଶ୍ରୀ ସି. ରାଧାକ୍ରିଷ୍ଣନ୍ ବକ୍ତୃତା ପ୍ରଦାନ କରି କହିଲେ ଗୋପୀନାଥ ମହାନ୍ତି ଭାରତ ସ୍ୱାଧୀନତାର ପୂର୍ବ ଅର୍ଦ୍ଧଶତାବ୍ଦୀ ଓ ପର ଅର୍ଦ୍ଧଶତାବ୍ଦୀର ଏକ ଚମତ୍କାର ସମନ୍ୱୟ। ତାଙ୍କ ଦ୍ୱାରା ରଚିତ 'ପରଜା' ଉପନ୍ୟାସଟି ଏକ ଆକର୍ଷଣୀୟ ସୃଷ୍ଟି। କେବଳ ପରଜା କାହିଁକି 'ଅମୃତର ସନ୍ତାନ' ଓ 'ଦାଦିବୁଢ଼ା' ପାଇଁ ଗୋପୀନାଥ ମହାନ୍ତି ବିଶ୍ୱ ସାହିତ୍ୟରେ ଚିର ଅମର ହୋଇ ରହିବେ ବୋଲି ସାହିତ୍ୟିକ ସି. ରାଧାକ୍ରିଷ୍ଣନ୍ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ କବି ଡକ୍ଟର ସୀତାକାନ୍ତ ମହାପାତ୍ର ଯୋଗଦେଇ ଗୋପୀନାଥ ମହାନ୍ତିଙ୍କ ସରଳ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଗୋପୀନାଥ ମହାନ୍ତି ଯଦି କୋରାପୁଟ ନଯାଇଥାନ୍ତେ ତେବେ ଓଡ଼ିଆ ସାହିତ୍ୟ 'ପରଜା' ଓ 'ଅମୃତର ସନ୍ତାନ' ଭଳି ଉପନ୍ୟାସ ଦେଖିପାରିନଥାନ୍ତା ବୋଲି ଡକ୍ଟର ମହାପାତ୍ର କହିଥିଲେ। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଗୋପୀନାଥ ମହାନ୍ତିଙ୍କ କାଳଜୟୀ ସାହିତ୍ୟ ସୃଷ୍ଟି ସମ୍ପର୍କରେ ସମ୍ୟକ୍ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ଗୋପୀନାଥ ମହାନ୍ତିଙ୍କ କୋରାପୁଟ ରହଣୀର ବହୁ ସ୍ମରଣୀୟ ଘଟଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବିନାରାୟଣ ରାୟ ସଂଯୋଜନା କରିଥିଲେ।

# ଲୋକକବି ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ଲୋକକବି ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୫.୪.୧୫ରିଖ ସଂଧ୍ୟା ୬ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ ଲୋକକବିଙ୍କ ରଚନାରେ ତତ୍କାଳୀନ ସମାଜର ଚିତ୍ର କିଭଳି ପରିସ୍ଫୁଟ ହୋଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଜଗନ୍ନାଥ ପାଣିଙ୍କ ଯୁଗୋପଯୋଗୀ ସାରସ୍ୱତ କୃତିକୁ ଆଜିର ଯୁବ ପୀଢ଼ି ପାଠ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ବକ୍ତା ଡକ୍ଟର ଦେବାଶିଷ ପାତ୍ର ଲୋକକବିଙ୍କ ସାରସ୍ୱତ ସୃଷ୍ଟି ସମୂହକୁ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ ଲୋକକବିଙ୍କ ବିଭିନ୍ନ ରଚନାରୁ କିୟଂଦଶ ଆବୃତ୍ତି କରିଥିଲେ। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଏହି ସଭାରେ ପୌରୋହିତ୍ୟ କରି କହିଲେ ଇଂରେଜ ଶାସନ କାଳରେ ଲୋକକବିଙ୍କର ଲୋକପ୍ରିୟ ସାହିତ୍ୟ ଓଡ଼ିଆ ଭାଷାର ଅଭିବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଏକାଡେମୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ପ୍ରଯୋଜନା ଅଧିକାରୀ ଶ୍ରୀ ରବିନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଳେଶ୍ୱରସ୍ଥ ଦୀନକୃଷ୍ଣ ସ୍ମୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୩.୫.୧୫ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ଜଳେଶ୍ୱରର ମୁଣ୍ଡୁତୁଣିଆସ୍ଥ ଦୀନକୃଷ୍ଣ ସ୍ମୃତି ମନ୍ଦିର ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି।

ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ଡକ୍ଟର ବିପିନ ବିହାରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବାଲେଶ୍ୱରର ଜିଲ୍ଲାପାଳ ଶ୍ରୀ ସନାତନ ମଲ୍ଲିକ ଉଦ୍‌ଘାଟକ, ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି, ଡକ୍ଟର ଭାଗବତ ବେହେରା ମୁଖ୍ୟବକ୍ତା ଓ କବି ବ୍ରଜେନ୍ଦ୍ର ଗିରି ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଓଡ଼ିଆ କାବ୍ୟ ପରମ୍ପରାରେ ବୈଷ୍ଣବୀୟ ଭାବଚେତନା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚଖଣ୍ଡା କଳା ପରିଷଦଙ୍କ ମିଳିତ ସହଯୋଗରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଭୀମଭୋଇ କଳାମଣ୍ଡପ, କଦମ୍ବ ପଡ଼ିଆ, ରେଢ଼ାଖୋଲଠାରେ ତା ୪.୫.୧୫ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଗଣେଶରାମ ନାହାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଉପଜିଲ୍ଲାପାଳ ଶ୍ରୀ କବିନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ପ୍ରଧାନ ଓ କବି ଡକ୍ଟର ପଞ୍ଚାନନ ମିଶ୍ର ସମ୍ମାନନୀୟ ଅତିଥି ଏବଂ ସୁସାହିତ୍ୟିକ ଡକ୍ଟର ହରେକୃଷ୍ଣ ମେହେର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଓଡ଼ିଆ ସାହିତ୍ୟରେ ସନ୍ଥକବି ଭୀମଭୋଇଙ୍କ ସ୍ଥାନ ଅତୁଳନୀୟ। ତାଙ୍କ ଦ୍ୱାରା ରଚିତ କାବ୍ୟଗୁଡ଼ିକରେ ଜଗତର ବାସ୍ତବ ସତ୍ୟଗୁଡ଼ିକ ନିଖୁଣ ଭାବରେ ଚିତ୍ରିତ ହୋଇଛି। ତତ୍କାଳୀନ ସମାଜ ବ୍ୟବସ୍ଥାକୁ ତ୍ରୁଟି ମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା ବୋଲି ବକ୍ତା ଓ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ।

# ମହାରାଜା ବିକ୍ରମ ଦେବ ବର୍ମାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ, ଜୟପୁର ସାହିତ୍ୟ ପରିଷଦ ଓ ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟଙ୍କ ମିଳିତ ସହଯୋଗରେ ସାହିତ୍ୟ ସମ୍ରାଟ ରାଜର୍ଷି ମହାରାଜା ବିକ୍ରମଦେବ ବର୍ମାଙ୍କ ୧୪୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୮.୬.୧୫ ରିଖ ସଂଧ୍ୟା ୬.୦୦ ଘଣ୍ଟା ସମୟରେ ଜୟପୁର ଗାନ୍ଧିଛକସ୍ଥ ସଂଧ୍ୟା ଫଙ୍କସନ ହଲ୍‌ଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଜୟପୁର ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁରେଶ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଏକାଦଶୀ ଜେନା, ସମ୍ମାନନୀୟ ଅତିଥିଭାବେ ଡକ୍ଟର ପ୍ରୀତିଧାରା ସାମଲ, ମୁଖ୍ୟବକ୍ତା ଭାବେ ଡକ୍ଟର ଗଙ୍ଗାଧର ନନ୍ଦ ଓ ସମ୍ମାନନୀୟ ଅତିଥିଭାବେ ସୁସାହିତ୍ୟିକ ଡକ୍ଟର ପ୍ରକାଶ କୁମାର ସେନାପତି ରାଜର୍ଷି ବିକ୍ରମଙ୍କ ଓଡ଼ିଆ ସମେତ ତେଲୁଗୁ ଓ ସଂସ୍କୃତ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିବା ସହିତ ତାଙ୍କୁ ଜଣେ ବିରଳ ବ୍ୟକ୍ତିତ୍ୱ ଓ ଏକଧାରରେ ଜଣେ ବିଶିଷ୍ଟ ସାହିତ୍ୟିକ ତଥା ଦକ୍ଷ ପ୍ରଶାସକ ଥିଲେ ବୋଲି ମତପୋଷଣ କରିଥିଲେ। ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ନବକୃଷ୍ଣ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଶୋକ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବାରିପଦାଠାରେ ସୃଜନ ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାରିପଦାସ୍ଥ ପୌରପାଳିକା ସଭାକକ୍ଷରେ ତା ୩.୫.୧୫ରିଖରେ ଦିବସ ବ୍ୟାପୀ ସୃଜନ ଆସର ଆୟୋଜନ କରାଯାଇଥିଲା। ଏହି ଆସରର ଉଦ୍‌ଘାଟନ ପର୍ବ ଉକ୍ତ ଦିନ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ପୌରୋହିତ୍ୟ କରିଥିଲେ। ମୟୂରଭଞ୍ଜର ଜିଲ୍ଲାପାଳ ଶ୍ରୀ ରାଜେଶ ପ୍ରଭାକର ପାଟିଲ ଏହି ଆସରକୁ ଉଦ୍‌ଘାଟନ କରିବା ସହିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି, ଡକ୍ଟର ବିଜୟାନନ୍ଦ ସିଂହ ସମ୍ମାନନୀୟ ଅତିଥି ଓ ଡକ୍ଟର କବିତା ବାରିକ ସମ୍ମାନନୀୟା ବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହାପରେ ପୂର୍ବାହ୍ଣ ୧୧.୩୦ ଘଣ୍ଟା ସମୟରେ "ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଆଦିବାସୀ ଜନଜୀବନର ଚିତ୍ର" ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଶ୍ରୀ ଦେବେନ୍ଦ୍ର କୁମାର ଦାଶ, ଡକ୍ଟର ବିଚିତ୍ରାନନ୍ଦ ସାହୁ, ଡକ୍ଟର ଧୀରେନ୍ ଆଚାର୍ଯ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ।

ଅପରାହ୍ଣ ୩.୩୦ ଘଣ୍ଟା ସମୟରେ "ଓଡ଼ିଆ ଆଦିବାସୀ ଲୋକ ସାହିତ୍ୟକୁ ମୟୂରଭଞ୍ଜର ଅବଦାନ" ବିଷୟକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ଜୟନ୍ତୀ ବେଶ୍ରା ଅଧକ୍ଷତା କରିଥିଲେ। ସୁସାହିତ୍ୟିକ ଶ୍ରୀ ନିମାଇଁ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ଶ୍ରୀ ବିଜୟ କୁମାର ବାରିକ, ଶ୍ରୀ ରମାକାନ୍ତ ସିଂହ, ଶ୍ରୀ ସମରେନ୍ଦ୍ର ମହାପାତ୍ର, ଶ୍ରୀ କୃଷ୍ଣ କୁମାର ମହାନ୍ତି ଯୋଗଦାନ କରି ସମ୍ପୃକ୍ତ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବିନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ସଚ୍ଚି ରାଉତରାୟ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ସଚ୍ଚି ରାଉତରାୟ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବିତା ପଠୋତ୍ସବ ଖୋର୍ଦ୍ଧାସ୍ଥ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ସଭାଗୃହରେ ତା ୧୫.୫.୧୫ରିଖରେ ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭା ଉକ୍ତଦିନ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଥାକାର ତଥା ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟ ଏହି ସଭାରେ ସମ୍ମାନନୀୟା ଅତିଥି ଭାବେ ଯୋଗଦାନ କରି କହିଲେ ସଚ୍ଚି ରାଉତରାୟ ଜଣେ ବାସ୍ତବବାଦୀ କବିଥିଲେ। ତାଙ୍କର କବିତା ତଥା ସାହିତ୍ୟକୃତି ଏକ କାଳଜୟୀ ସାହିତ୍ୟ। ଯାହା ଏପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ମଧ୍ୟରେ ଜୀବନ୍ତ ହୋଇ ରହିଛି। ଆଗାମୀ ପିଢ଼ୀର ସାହିତ୍ୟପ୍ରେମୀ ଏବଂ ସାହିତ୍ୟିକଙ୍କ ପାଇଁ ଏହା ଏକ ଚିରସବୁଜ ଉଦାହରଣ ହୋଇ ରହିବ। କବି ରାଧାନାଥଙ୍କ ପରେ ସଚ୍ଚି ରାଉତରାୟଙ୍କୁ ହିଁ ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା ଭାବେ ବିବେଚନା କରାଯାଏ। ଏହି ସଭାରେ କବି ଡକ୍ଟର ସୌଭାଗ୍ୟ କୁମାର ମିଶ୍ର, ଖୋର୍ଦ୍ଧା ଜିଲ୍ଲାପାଳ ନିରଞ୍ଜନ ସାହୁ ଓ ଖୋର୍ଦ୍ଧା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ପୂର୍ବାହ୍ଣ ୧୧.୩୦ ଘଣ୍ଟା ସମୟରେ ଡକ୍ଟର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନନୀୟ ଅତିଥିଭାବେ ଶ୍ରୀ ପୀତବାସ ରାଉତରାୟ ଯୋଗଦାନ କରିଥିବାବେଳେ ସଚ୍ଚି ରାଉତରାୟଙ୍କ କବିତାର ଶୈଳୀ ବିଷୟରେ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ଏବଂ ସଚ୍ଚି ରାଉତରାୟଙ୍କ ଗଳ୍ପରେ ସମାଜ ଚେତନା ବିଷୟରେ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଆଲୋଚନା କାର୍ଯ୍ୟକ୍ରମରେ ଶ୍ରୀ ବୃନ୍ଦାବନ ଶତପଥୀ, ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଓ ଶ୍ରୀ କୃପାସିନ୍ଧୁ ମିଶ୍ର ଆଲୋଚକ ଭାବେ ଯୋଗଦାନ କରିଥିଲେ।

ଅପରାହ୍ଣ ୨.୩୦ ଘଣ୍ଟା ସମୟରେ କବି ସଚ୍ଚିରାଉତରାୟଙ୍କ ଉଦ୍ଦେଶ୍ୟରେ ଏକ କବିତାପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଶ୍ରୀ ପ୍ରମୋଦ କୁମାର ମହାନ୍ତି ପୌରୋହିତ୍ୟ କରିବା ସହିତ ଶ୍ରୀ ବନୋଜ ତ୍ରିପାଠୀ ଓ ଶ୍ରୀ ନିରଞ୍ଜନ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ।

# ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅର୍ନ୍ତଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୩୧.୦୫.୧୫ ରିଖରେ ଜୟକୃଷ୍ଣ ଦାଶ ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

# ବାସୁଦେବ ସୁଢ଼ଳଦେବ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାସୁଦେବ ସୁଢ଼ଳଦେବ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଦେବଗଡ଼ସ୍ଥ ଟାଉନହଲଠାରେ ତା ୧୬.୫.୧୫ ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବର ଉଦ୍‌ଘାଟନ ଅଧିବେଶନ ଉକ୍ତ ଦିନ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଗନ୍ନାଥ ସାହିତ୍ୟ ସଂସଦରେ ସଭାପତି ତଥା ଶିକ୍ଷାବିତ୍ ଶ୍ରୀ ବିପିନ୍ ବିହାରୀ ଦ୍ୱିବେଦୀ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୂର୍ବାହ୍ଣ ୧୧.୦୦ ଘଟିକା ସମୟରେ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଆଲୋଚକ ଭାବେ ଡକ୍ଟର ଗୌରାଙ୍ଗ ଚରଣ ଦାଶ ଯୋଗଦାନ କରିଥିଲେ । ଡକ୍ଟର ଦାଶ ସ୍ୱୀୟଭାଷଣ ମାଧ୍ୟମରେ କହିଲେ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଥିବା ବାମଣ୍ଡାର ପ୍ରଜାନୁରାଗୀ ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ସାହିତ୍ୟ କୃତି ଓଡ଼ିଆ ସାହିତ୍ୟକୁ ବେଶ ଋଦ୍ଧିମନ୍ତ କରୁଥିବାବେଳେ ତାଙ୍କ କୃତିତ୍ୱ ପାଇଁ ଆଜି ବାମଣ୍ଡା ଗଡ଼ ଜାତିର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । କେବଳ ସୁଶାସନ କି ସାହିତ୍ୟ କୃତି ନୁହେଁ ବରଂ ପ୍ରଥମ ଡାକଟିକଟ ପ୍ରଚଳନଠାରୁ ଆରମ୍ଭ କରି ଦୀର୍ଘତମ ତଥା ବାମରାରୁ ବାରକୋଟ ପର୍ଯ୍ୟନ୍ତ ଟେଲିଫୋନ ଲାଇନ ସଂଯୋଗ କରି ନିଜ ଗଡ଼ଜାତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହାନ୍ ସାରସ୍ୱତ ସାଧକଙ୍କୁ ଆଜି ପର୍ଯ୍ୟନ୍ତ ଉପଯୁକ୍ତ ସମ୍ମାନ ମିଳି ପାରିନଥିବା ଏହି ଆଲୋଚନାରେ କହିଥିଲେ । ଶେଷରେ ଭାରତ ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପରାହ୍ଣ ୩ ଘଣ୍ଟା ସମୟରେ ଡକ୍ଟର ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ସୌଭାଗ୍ୟବନ୍ତ ମହାରଣା ଓ କବି ମନୋଜ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କବିତା ପାଠରେ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । କବିତାଗୁଡ଼ିକୁ ଅଧ୍ୟାପକ ଡକ୍ଟର ସନ୍ତୋଷ କୁମାର ଦେବତା ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ସଂଯୋଜନା କରିଥିଲେ । ଶେଷରେ ସୁମିତ୍ରା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିଟିଲାଗଡ଼ଠାରେ ଗ୍ରୀଷ୍ମ ଉତ୍ସବ ଅବସରରେ ସାହିତ୍ୟ ଆସର




ଗ୍ରୀଷ୍ମ ଉତ୍ସବ ପାଳନ ଅବସରରେ ଟିଟିଲାଗଡ଼ସ୍ଥ ହୋଟେଲ ଜୟା ସଭାକକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା ୨୫.୫.୧୫ ରିଖରେ ଏକ ସାହିତ୍ୟ ସଭା, ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦.୦୦ ଘଣ୍ଟା ସମୟରେ ଅନୁଷ୍ଠିତ ଉଦ୍‌ଘାଟନ ଅଧିବେଶନରେ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଏଥିରେ ଅଧ୍ୟକ୍ଷତା କରିଥିଲେ ଓ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଟିଟିଲାଗଡ଼ ସାହିତ୍ୟ କ୍ଷେତ୍ରରେ କୌଣସି ଦିଗରେ କମ୍ ନୁହେଁ । ଏଠାରୁ ବହୁ ସାହିତ୍ୟିକ ଜନ୍ମ ନେଇ ସମାଜକୁ ଦିଗ୍ ଦର୍ଶନ ଦେଇଛନ୍ତି । ଏଣୁ ଟିଟିଲାଗଡ଼କୁ ସାହିତ୍ୟ ଓ ସଂସ୍କୃତିର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ ।

ପୂର୍ବାହ୍ଣ ୧୧.୦୦ ଘଣ୍ଟା ସମୟରେ ଆଲୋଚନାଚକ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ "ଓଡ଼ିଆ ଭାଷା ବିବର୍ତ୍ତନରେ ଆଞ୍ଚଳିକ ଭାଷାର ଭୂମିକା" ବିଷୟରେ ଆଲୋଚନା କରାଯାଇଥିଲା । ସାହିତ୍ୟିକ ଶ୍ରୀ ରାଜୀବ ଲୋଚନ ପାଣି ଓ ଛାୟାକାନ୍ତ ଷଡଙ୍ଗୀ ଏହି ବିଷୟରେ ତତ୍ତ୍ୱ ଓ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ ।

ଅପରାହ୍ଣ ୩.୦୦ ଘଣ୍ଟା ସମୟରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କବି ପ୍ରହ୍ଲାଦ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ କବି ଭିକାରୀ ମିଶ୍ର ଓ ଗଜାନନ ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । କବି ସଞ୍ଜୟ ଅଗସ୍ତି, କବୟିତ୍ରୀ ସାବିତ୍ରୀ ପୁରୋହିତ, ସବିତା ଭୋଇ, ସଂଯୁକ୍ତା ପରିଛା କବିତା ସଂଯୋଜନା କରିଥିବାବେଳେ ବଲାଙ୍ଗିର ଜିଲ୍ଲାର ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ ।

# ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୭.୬.୧୫ରିଖ ଅପରାହ୍ଣ ୨.୦୦ ଘଣ୍ଟା ସମୟରେ ପୁରୀ ନିକଟସ୍ଥ ବୀର ପ୍ରତାପପୁର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଏକାଡେମୀର ସଦସ୍ୟ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ମୁଖ୍ୟବକ୍ତା ଓ ଶ୍ରୀ ବିପିନ ବିହାରୀ ଦଳାଇ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି ପଣ୍ଡିତ କୃପାସିନ୍ଧୁଙ୍କ ସାରସ୍ୱତ ଓ ଐତିହାସିକ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭବାନୀପାଟଣାସ୍ଥ ଟାଉନ ହଲଠାରେ ତା ୩୧.୫.୧୫ ରିଖରେ ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ଉଦ୍‌ଘାଟନ ଅଧିବେଶନରେ ଗାଳ୍ପିକ ସୁକାନ୍ତ ସାହୁ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ମନ୍ତ୍ରୀ ତଥା ପ୍ରାବନ୍ଧିକ ରାସବିହାରୀ ବେହେରା ମୁଖ୍ୟଅତିଥି, ଏକାଡେମୀର ସଦସ୍ୟ ସକିତ ରତେ ଓ ଗାଳ୍ପିକା ଯାଜ୍ଞସେନୀ ସାହା ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଆ ଆମର ମାତୃଭାଷା ଏହାକୁ ବଞ୍ଚାଇ ରଖିବା, ସମୃଦ୍ଧ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଥିପାଇଁ ଭାଷଣର ଆବଶ୍ୟକତା ନାହିଁ। କାରଣ କେବଳ ଭାଷଣରେ ଭାଷା ବଞ୍ଚିବ ନାହିଁ। କାୟାମନ ବାକ୍ୟରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ, ମାତୃଭାଷାକୁ ଆଦର କରିବାକୁ ହେବ। ତେବେ ଯାଇ ଏ ଭାଷା ବଞ୍ଚିବ, ସମୃଦ୍ଧ ହେବ ବୋଲି ବକ୍ତା ଓ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଯୁବ ଲେଖକ ସୁଶୀଲ ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ "ଓଡ଼ିଆ ସାହିତ୍ୟକୁ କଳାହାଣ୍ଡିର ଅବଦାନ" ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରଫେସର ଡକ୍ଟର ଅଜାମ୍ବର ମଲ୍ଲ, ଡକ୍ଟର ଗୋପୀନାଥ ବାଗ ଓ ଚକ୍ରପାଣି ପରିଛା ଆଲୋଚକଭାବେ ଯୋଗଦେଇଥିଲେ।

ଦ୍ୱିତୀୟ ଅଧିବେଶନ ଅପରାହ୍ନ ୨.୩୦ ଘଣ୍ଟା ସମୟରେ କବି ଜଗଦୀଶ୍ୱର ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କବି ପଦ୍ମ ମିଶ୍ର ଯୋଗଦେଇଥିବାବେଳେ ସମ୍ମାନନୀୟ ଅତିଥିଭାବେ ଭବାନୀ ଶଙ୍କର ନିଆଳ ଯୋଗଦେଇଥିଲେ। ଏଥିରେ ଜିଲ୍ଲାର କୋଣ ଅନୁକୋଣରୁ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବି ଡାକ୍ତର ଦୀନବନ୍ଧୁ ସାହୁ, ଯୁବକବି ହେମନ୍ତ ସାହୁ ଓ ଜୟଦ୍ରଥ ସୁନା । ଶେଷରେ ସକିତ ରତେ ଧନ୍ୟବାଦ

# ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ, ସୁରେନ୍ଦ୍ର ମେମୋରିଆଲ କ୍ଲବ ଓ କଥା ସମ୍ରାଟ ସୁରେନ୍ଦ୍ର ମେମୋରିଆଲ ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଲବ୍ଧ ପ୍ରତିଷ୍ଠ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୧.୬.୧୫ ରିଖ ଅପରାହ୍ନ ୪.୩୦ ଘଣ୍ଟା ସମୟରେ କଟକ ଜିଲ୍ଲା ପୁରୁଷୋତ୍ତମପୁରସ୍ଥ ଶରଧାବାଲି ପଡ଼ିଆଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। କଥା ସମ୍ରାଟ ସୁରେନ୍ଦ୍ର ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି, ଶ୍ରୀ ଜୟନ୍ତ କୁମାର ଦାସ ମୁଖ୍ୟବକ୍ତା, ଡକ୍ଟର ଉଷାରାଣୀ ପଟ୍ଟନାୟକ, ଡକ୍ଟର ବିଜୟାନନ୍ଦ ସିଂହ ଓ ଡକ୍ଟର ଧରଣୀଧର ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ସୁରେନ୍ଦ୍ର ମହାନ୍ତିଙ୍କ ସାରସ୍ୱତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁରେନ୍ଦ୍ର ମହାନ୍ତି ଏକ ବହୁମୁଖୀ ସୃଜନଶୀଳ ପ୍ରତିଭା, ନୂତନ ଆଭିମୁଖ୍ୟ, ନୂତନ ସୃଷ୍ଟିକୁ ସେ ଋଦ୍ଧିମନ୍ତ ଓ ମହିମାମଣ୍ଡିତ କରିଛନ୍ତି ବୋଲି ବକ୍ତା ଓ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୬.୧୫ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ରାଜ୍ୟ ଅଭିଲେଖାଗାର ସଭାକକ୍ଷରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଫନୀ ମହାନ୍ତି ମୁଖ୍ୟଅତିଥି, ଶ୍ରୀ ଅମରେଶ ପଟ୍ଟନାୟକ ସମ୍ମାନନୀୟ ଅତିଥି ଓ ଡକ୍ଟର ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । କବିଙ୍କ ସାରସ୍ୱତ ଜୀବନ ସମ୍ପର୍କରେ ଆଲୋଚନା କରି ଅତିଥି ଓ ବକ୍ତାମାନେ କହିଲେ କବି ଅନନ୍ତ ଜଣେ ପ୍ରଗତିଶୀଳ ସାମ୍ୟବାଦୀ ଚିନ୍ତାଧାରାର ପ୍ରବକ୍ତା। ତାଙ୍କର ଜ୍ୱଳାମୁଖି ମର୍ମସ୍ପର୍ଶୀ ଓ ମାନବବାଦୀ କବିତାଗୁଡ଼ିକ ସେତେବେଳର ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନିଜର ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ପ୍ରେରଣା ଯୋଗାଉଥିଲା। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱରସ୍ଥ ପାନ୍ଥନିବାସ ସଭାକକ୍ଷରେ ତା ୨୨.୬.୧୫ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାକୁ ପୂର୍ବତନ କୂଟନୀତିଜ୍ଞ ଶ୍ରୀ ଅବସର ବେଉରିଆ ଉଦ୍‌ଘାଟନ କରି କହିଲେ ଓଡ଼ିଆ ସାହିତ୍ୟ ପ୍ରତି ବିନୋଦ କାନୁନ୍‌ଗୋଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଲେଖା ପାଠକଙ୍କ ମନକୁ ଏବେ ବି ଆନ୍ଦୋଳିତ କରୁଅଛି। ଏହି ଅବସରରେ କବି ତଥା ପ୍ରଶାସକ ଅରବିନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଓଡ଼ିଆ ବିଶ୍ୱକୋଷ ବା ଜ୍ଞାନମଣ୍ଡଳ ପାଇଁ ଯାହାଙ୍କର ଅବଦାନ ଅପୂରଣୀୟ ଥିଲା ସେ ହେଲେ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସାହିତ୍ୟ ସମ୍ପର୍କିତ ଗବେଷଣା, ଜୀବନୀ, ଶିଶୁ ସାହିତ୍ୟ ତଥା ଜନପ୍ରିୟ ବିଜ୍ଞାନ ଲେଖାରେ ତାଙ୍କର ଅବଦାନ ଅତୁଳନୀୟ। ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଲେ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଜ୍ଞାନର ପୂଜାରୀ ଥିଲେ। ତାଙ୍କ ରଚିତ ଜ୍ଞାନମଣ୍ଡଳରେ ରହିଥିଲା ବହୁ ସ୍ୱତନ୍ତ୍ରତା। ଓଡ଼ିଆ ଜାତି ପାଇଁ ସେ ଚିରନମସ୍ୟ ହୋଇ ରହିବେ। ଏହି ସଭାରେ ବିନୋଦ କାନୁନ୍‌ଗୋଙ୍କ ପୁତ୍ର ଡକ୍ଟର ପାବକ କାନୁନ୍‌ଗୋ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ରବିନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କୋରାପୁଟରେ ଭ୍ରମଣ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୋରାପୁଟସ୍ଥ ଦକ୍ଷତାବୃଦ୍ଧି ତାଲିମକେନ୍ଦ୍ରର ସମ୍ମିଳନୀ କକ୍ଷରେ ତା ୨୯.୬.୧୫ରିଖରେ ଭ୍ରମଣ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର ସଂଯୁକ୍ତା ରାଉତ କହିଲେ ଓଡ଼ିଆ ସାହିତ୍ୟରେ ଭ୍ରମଣ ସାହିତ୍ୟ ଦୁର୍ବଳ ନୁହେଁ। ଓଡ଼ିଆ ସାହିତ୍ୟରେ ଏହା ବଳଶାଳୀ ଭାବେ ବିଦ୍ୟମାନ ଥିବା ସେ ପ୍ରକାଶ କରିଥିଲେ। ଗଡ଼ଜାତ ଶାସନ କାଳରୁ ଭ୍ରମଣ ସାହିତ୍ୟ ମାଧ୍ୟମରେ ସମାଜର ବିଭିନ୍ନ ସମସ୍ୟା ଓ ଆଞ୍ଚଳିକ ଭାଷା ଏବଂ ପ୍ରାକୃତିକ ବିଭବର ଛାପ ଏବେ ବି ଉଜ୍ଜିବୀତ ହୋଇ ରହିଛି ବୋଲି ସେ କହିଥିଲେ। ପରିବ୍ରାଜକ ହୁଏନ୍‌ସା ଓ ମେଘାସ୍ଥିନସ୍ ତାଙ୍କର ଭାରତ ପରିଭ୍ରମଣ ବେଳେ ଲେଖିଥିବା ଭ୍ରମଣ ପୁସ୍ତକରେ ସେହି ସମୟର ଭାଷା କଳା ଓ ସଂସ୍କୃତିର ବିସ୍ତୃତ ବିବରଣୀ ସାହିତ୍ୟ ମାଧ୍ୟମରେ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ରଖିଛନ୍ତି। ଭ୍ରମଣରୁ ଆନନ୍ଦ ମିଳେ ଏବଂ ତାହାକୁ ଅନ୍ୟକୁ ବାଣ୍ଟିବାର ମାଧ୍ୟମ ହେଉଛି ଭ୍ରମଣ ସାହିତ୍ୟ ବୋଲି ସେ ପୁଣି କହିଥିଲେ।

ଏ ଅବସରରେ ଶ୍ରୀ ଉମାକାନ୍ତ ଦାସ ଓ ପ୍ରୀତିଧାରା ସାମଲ, ଏକାଡେମୀର ସଦସ୍ୟ ଶ୍ରୀ ସୁଶାନ୍ତ କୁମାର ନାୟକ, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ଡେପୁଟି କଲେକ୍ଟର ସନ୍ତୋଷ କୁମାର ଶତପଥୀ ଓ ପ୍ରାଧାପକ ନାରାୟଣ ପଣ୍ଡା, ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରି ଭ୍ରମଣ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଅପରାହ୍ନ ୪.୦୦ ଘଣ୍ଟା ସମୟରେ କବିତା ପାଠ ଆରମ୍ଭ ହୋଇଥିଲା। ଏଥିରେ ଏକାଡେମୀର ସଦସ୍ୟ ଶ୍ରୀ ସୁଶାନ୍ତ ନାୟକ ପୌରୋହିତ୍ୟ କରିବା ସହିତ ଶ୍ରୀ ନାରାୟଣ ପଣ୍ଡା ପ୍ରଭୃତି ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରିଥିଲେ। ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବି ଶ୍ରୀ ରବି ଶତପଥୀ।



# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୦୫.୧୫ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଓ ତା ୩୦.୦୬.୧୫ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦିବଂଗତ ସାହିତ୍ୟିକମାନଙ୍କୁ ଶ୍ରଦ୍ଧାଞ୍ଜଳି

## ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଏକାଡେମୀର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିୟୋଗରେ...

ଓଡ଼ିଆ ସାହିତ୍ୟର ବିଶିଷ୍ଟ ସାଧକ, ଅନୁବାଦକ ତଥା ପ୍ରବୀଣ ରାଜନୀତିଜ୍ଞ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତା ୨୧.୪.୧୫ରିଖରେ ପରଲୋକ ଗମନ କାରଣରୁ ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟରେ ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ମୃତିଚାରଣକରି ଏକାଡେମୀର ସମ୍ପାଦକ ଅଶ୍ୱିନୀ କୁମାର ମିଶ୍ର କହିଲେ ଯେ ଜାନକୀ ବାବୁ ରାଜନୀତିରେ ଯେଉଁ ପ୍ରତିଷ୍ଠା ତଥା ମାନ୍ୟତା ପାଇଥିଲେ ସାହିତ୍ୟରେ ତାଙ୍କର ପ୍ରତିଭା ଓ ମର୍ଯ୍ୟାଦା ସେଇ ତୁଳନାରେ ଯଥେଷ୍ଟ ବେଶୀ । ରାଜନୀତିରେ କେହି ହୁଏତ ଦିନେ ତାଙ୍କୁ ପାଶୋରି ଯାଇପାରନ୍ତି କିନ୍ତୁ ସାହିତ୍ୟାକାଶରେ ସେ ଯେ ଅମଳିନ ନକ୍ଷତ୍ର ଓ ତାଙ୍କ ଜ୍ୟୋତିର ବିକିରଣ କାଳ ସୁଦ୍ଧା ସ୍ପର୍ଶ କରିପାରିବ ନାହିଁ ଏହା ନିଃସନ୍ଦେହରେ କୁହାଯାଇପାରେ । ସଭାପତି ଶ୍ରୀ ହୋତା ସ୍ମୃତିଚାରଣ ପୂର୍ବକ କହିଲେ ଯେ ଭର୍ତ୍ତୃହରିଙ୍କ ସଂସ୍କୃତ ଲେଖା 'ବୈରାଗ ଶତକ', 'ଶୃଂଗାର ଶତକ', 'ନୀତି ଶତକ'କୁ ଓଡ଼ିଆ ଭାଷାକୁ ରୂପାନ୍ତରିତ କରି ସିଏ ଆମ ଭାଷା ସାହିତ୍ୟର ଶ୍ରୀବୃଦ୍ଧି କରିଛନ୍ତି । ତାଙ୍କ ଲିଖିତ କବିତା ସଂକଳନ 'ସିନ୍ଧୁ ଉପତ୍ୟକା' ସାଙ୍ଗକୁ 'ଗୌତମ ବୁଦ୍ଧ', 'ଏକ ସୁବର୍ଣ୍ଣ ଯୁଗ', 'ଗୋକୁଳାନନ୍ଦ ଗ୍ରନ୍ଥାବଳୀ', 'ନିର୍ବାଚିତ ପ୍ରବନ୍ଧ ସଂକଳନ', 'ଶ୍ରୀମଦ୍ ଭାଗବତ', 'ବାଚସ୍ପତି ମହୋଦୟ' ପ୍ରଭୃତି ଉପାଦେୟ ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । ବଙ୍କିମ ଚନ୍ଦ୍ର ରଚନାବଳୀର ଓଡ଼ିଆ ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ (୨୦୦୧) ଓ 'ବୈରାଗ୍ୟ ଶତକ' ପାଇଁ ୧୯୮୬ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।

ସ୍ୱର୍ଗତ ଜାନକୀ ବାବୁଙ୍କ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ସାହିତ୍ୟିକ ଉତ୍ତମ ଚରଣ ନାୟକଙ୍କ ବିୟୋଗରେ...

ସାହିତ୍ୟିକ ଉତ୍ତମ ଚରଣ ନାୟକଙ୍କର ତା୧୬.୦୫.୧୫ ରିଖ ଦିନ ଦେହାନ୍ତ ହୋଇଛି । ଶ୍ରୀଯୁକ୍ତ ନାୟକ ତା୧୪.୦୨.୧୯୪୭ରିଖରେ ଯାଜପୁରସ୍ଥ ରାଉତ ସାହିରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ସାରସ୍ୱତ କୃତି ମଧ୍ୟରେ 'ବସନ୍ତର ପ୍ରତିବେଶୀ', 'ଏବଂ ଲୁଣ୍ଠିତ ସକାଳ', 'ଅନେକ ମୁଖା', 'ହୀରାପଥର', 'ସଖୀର ପଣତକାନି', 'ପାଟଛତି', ଇତ୍ୟାଦି ଗଳ୍ପ ଗ୍ରନ୍ଥ ପାଠକୀୟ ଆଦୃତି ଲାଭ କରିଛି । ତାଙ୍କର ସାରସ୍ୱତ ପ୍ରତିଷ୍ଠା ସ୍ୱରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ୨୦୧୨ ମସିହାରେ ସମ୍ବର୍ଦ୍ଧିତ କରିଛନ୍ତି । ତାଙ୍କର ବିୟୋଗରେ ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ଏକ ଅପୂରଣୀୟ କ୍ଷତି ହୋଇଛି । ଶ୍ରୀଯୁକ୍ତ ନାୟକଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

## ସାହିତ୍ୟିକ ଉମାଶଙ୍କର ପଣ୍ଡାଙ୍କ ବିୟୋଗରେ...

ସାହିତ୍ୟିକ,କବି ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଉମାଶଙ୍କର ପଣ୍ଡାଙ୍କର ତା ୩୦.୦୫.୧୫ ରିଖରେ ପରଲୋକ ଘଟିଛି । ଶ୍ରୀ ପଣ୍ଡା ସମ୍ବଲପୁର ଜିଲ୍ଲାର କୁଦଜାମପାଲି ଗ୍ରାମରେ ୧୯୩୧ ମସିହା ମାର୍ଚ୍ଚ ମାସ ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ଜୀବନ ବ୍ୟାପୀ ସାହିତ୍ୟ ସାଧନ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ସମ୍ମାନ ପ୍ରଦାନ କରାଯାଇଥିଲା । ସେ ଶହେରୁ ଅଧିକ ପୁସ୍ତକ ରଚନା କରିଥିବାବେଳେ ସେଥିରୁ ୮୨ଟି ପ୍ରକାଶିତ ହୋଇଅଛି । "ନିଶବ୍ଦ ନୂପୁର' କବିତା ସଂକଳନ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କର ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଓ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି । ଏକାଡେମୀ ପକ୍ଷରୁ ଏଥିପାଇଁ ଏକ ଶୋକସଭା ଆୟୋଜନ କରାଯାଇ ଶ୍ରୀ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଉପସଭାପତି ନିଯୁକ୍ତି



ସୁସାହିତ୍ୟିକା **ଶ୍ରୀମତୀ ଗାୟତ୍ରୀ ସରାଫ୍‌ଙ୍କୁ** ଓଡ଼ିଶା ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ତା୦୨.୦୨.୧୫ରିଖର ବିଜ୍ଞପ୍ତି ସଂଖ୍ୟା ୯୨୦/ଟି.ସି. ଦ୍ୱାରା ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ପଦରେ ନିଯୁକ୍ତି ଦିଆଯାଇଅଛି । ଶ୍ରୀମତୀ ସରାଫ୍ ତା୦୯.୦୨.୧୫ ରିଖରେ ଏହି ପଦବୀରେ ଯୋଗଦାନ କରିଛନ୍ତି । ସେଥିପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀମତୀ ସରାଫ୍‌ଙ୍କୁ ସୁସ୍ୱାଗତ ଓ ଶୁଭେଚ୍ଛା ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ : ୦୬୭୪-୨୪୩୧୮୩୯/ଫ୍ୟାକ୍ସ : ୨୪୩୧୮୪୦
ଇ-ମେଲ : orissasahityaakademi@rediffmail.com
ୱେବସାଇଟ୍ : www.orissasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଓଡ଼ିଶା ପ୍ରିଣ୍ଟିଂ ୱାର୍କ୍ସ, କଟକ-୨